# NATIONAL NEWS BULLETIN (ODIA)
## 29 September - 2025
## Evening Bulletin : 7.15 p.m.

******************************

## ମୁଖ୍ୟ ସମ୍ବାଦ

- ରାଷ୍ଟ୍ରର ଆର୍ଥିକ ଅଭିବୃଦ୍ଧି ଏବଂ ସାମାଜିକ ପ୍ରଗତୀରେ ଦକ୍ଷତା ଓ ଜ୍ଞାନ ହେଉଛି ମାର୍ଗଦର୍ଶକ, କହିଲେ ରାଷ୍ଟ୍ରପତି ।
- ନୂଆଦିଲ୍ଲୀର ଦିନ୍‌ଦୟାଲ୍ ଉପାଧ୍ୟାୟ ମାର୍ଗରେ ନବନିର୍ମିତ ବିଜେପି ଦିଲ୍ଲୀ ଶାଖାର କାର୍ଯ୍ୟାଳୟକୁ ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ ।
- ଭାରତ-ଭୁଟାନ ମଧ୍ୟରେ ୪ ହଜାର ୩୩ କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯିବ ଦୁଇଟି ରେଳ ପ୍ରକଳ୍ପ ।
- ନେପାଳର ପୂର୍ବତନ ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲିଙ୍କ ଯାତ୍ରା ଉପରେ ପ୍ରତିବନ୍ଧକ ଲାଗୁ କଲେ ମଧ୍ୟବର୍ତ୍ତୀକାଳୀନ ସରକାର ।

ଏବଂ

- ଆଇ.ଏସ୍.ଏସ୍.ଏଫ୍. ବିଶ୍ୱକପ୍ ପ୍ରତିଯୋଗିତାରେ ୧୦ ମିଟର ମହିଳା ବନ୍ଧୁକ ଚାଳନା ବର୍ଗରେ ସ୍ୱର୍ଣ୍ଣ ପଦକ ହାସଲ କଲା ଭାରତ ।

# ପ୍ରେଜ୍-ଅଫିସରସ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି, ଦକ୍ଷତା ଓ ଜ୍ଞାନ ହେଉଛି ଏକ ରାଷ୍ଟ୍ରର ଆର୍ଥିକ ଅଭିବୃଦ୍ଧି ଏବଂ ସାମାଜିକ ପ୍ରଗତୀର ମାର୍ଗଦର୍ଶକ । ଉଚ୍ଚ କୁଶଳ ମାନବ ସମ୍ବଳ ବିକଶିତ କରିଥିବା ଦେଶଗୁଡ଼ିକ ବୈଶ୍ୱିକ ଆହ୍ୱାନର ମୁକାବିଲା କରିବା ଏବଂ ବିକାଶର ବିଭିନ୍ନ କ୍ଷେତ୍ରରେ ସୁଯୋଗ ହାସଲ କରିବାକୁ ପ୍ରସ୍ତୁତ ହୋଇଥାନ୍ତି ବୋଲି ରାଷ୍ଟ୍ରପତି କହିଛନ୍ତି ।

ରାଷ୍ଟ୍ରପତି ଭବନରେ ଆଜି ଭାରତୀୟ ପରିସଂଖ୍ୟାନ ସେବା – ଆଇ.ଏସ୍.ଏସ୍., ଭାରତୀୟ ଦକ୍ଷତା ବିକାଶ ସେବା – ଆଇ.ଏସ୍.ଡି.ଏସ୍. ଏବଂ କେନ୍ଦ୍ରୀୟ ଇଞ୍ଜିନିୟରିଂ ସେବା – ସି.ଇ.ଏସ୍.ର ପ୍ରଶିକ୍ଷାର୍ଥି ଅଧିକାରୀଙ୍କ ସହ ମତବିନିମୟ ବେଳେ ରାଷ୍ଟ୍ରପତି ମୁର୍ମୁ ଏହା କହିଛନ୍ତି । ସେ କହିଛନ୍ତି, ବର୍ତ୍ତମାନ ସମୟର ତଥ୍ୟ ଆଧାରିତ ପରିସ୍ଥିତିରେ ପରିସଂଖ୍ୟାନର ପ୍ରାସଙ୍ଗିକତା ବହୁ ପରିମାଣରେ ବୃଦ୍ଧି ପାଇଛି । ଏ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଅଧିକାରୀ ଏବଂ କର୍ମଚାରୀଙ୍କର ଏଥିପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । କେନ୍ଦ୍ରୀୟ ଇଞ୍ଜିନିୟରିଂ ସେବା ଅଧିକାରୀଙ୍କ ସହ ଆଲୋଚନା ବେଳେ ରାଷ୍ଟ୍ରପତି ମୁର୍ମୁ କହିଛନ୍ତି, ଦେଶର ପ୍ରଯୁକ୍ତିବିଦ୍ୟା ପ୍ରଗତୀକୁ ତ୍ୱରାନ୍ୱିତ କରିବାରେ ଯନ୍ତ୍ରୀଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।

# ପିଏମ୍‌-ଦିଲ୍ଲୀ ବିଜେପି ଅଫିସ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀର ଦିନ୍ ଦୟାଲ୍ ଉପାଧ୍ୟାୟ ମାର୍ଗରେ ନବ ନିର୍ମିତ କରାଯାଇଥିବା ଭାରତୀୟ ଜନତାପାର୍ଟିର ଦିଲ୍ଲୀ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଛନ୍ତି । ୨୦୨୩ ମସିହା ଜୁନ୍ ମାସ ୯ ତାରିଖରେ ବିଜେପି ଅଧ୍ୟକ୍ଷ ଜେ.ପି. ନଡ୍ଡା ଏହି କାର୍ଯ୍ୟାଳୟ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ।

ଏହି ଅବସରରେ ଆୟୋଜିତ ସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ନବରାତ୍ର ଭଳି ପବିତ୍ର ଦିନରେ ଦିଲ୍ଲି ବିଜେପିକୁ ତାର ନୂତନ କାର୍ଯ୍ୟାଳୟ ମିଳିଛି । ୧୯୮୦ ମସିହାରେ ବିଜେପି ପ୍ରତିଷ୍ଠା ହେବା ଦିନଠାରୁ ଦଳକୁ ୪୫ ବର୍ଷ ପୂରଣ ହୋଇଛି । ଗତ କେତେ ଦଶନ୍ଧି ଧରି ଅଗଣିତ ଦଳୀୟ କର୍ମୀଙ୍କ କଠିନ ପରିଶ୍ରମ ଓ ତ୍ୟାଗ ହିଁ ଦିଲ୍ଲୀ ବିଜେପିର ଶକ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

**V/O-1--PM-MODI-ON-SEVA**

ଦଳୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା କହିଛନ୍ତି, ଦେଶ ଓ ଦଳ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ଜୀବନର ପ୍ରତ୍ୟେକ ମୁହୂର୍ତ୍ତକୁ ଉତ୍ସର୍ଗ କରିଛନ୍ତି ।

# ଇଣ୍ଡିଆ-ଭୁଟାନ ରେଳ ପ୍ରୋଜେକ୍ଟ

ଭାରତ-ଭୁଟାନ ମଧ୍ୟରେ ସୀମାପାର ରେଳ ସଂଯୋଗ ପ୍ରକଳ୍ପ ପାଇଁ ଉଭୟ ପକ୍ଷ ସହମତ ହୋଇଛନ୍ତି । ମୋଟ୍ ୪ ହଜାର ୩୩ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ଦୁଇଟି ରେଳ ପ୍ରକଳ୍ପ ମଧ୍ୟରେ କୋକ୍ରାଝର-ଗେଲେଫୁ ଏବଂ ବନରହାଟ-ସମସ୍ତେ ଅନ୍ତର୍ଭୁକ୍ତ । ନୂଆଦିଲ୍ଲୀ ଠାରେ ଆଜି ମିଳିତ ଗଣମାଧ୍ୟମ ସମ୍ମିଳନୀକୁ ସମ୍ବୋଧନ କରି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଏହି ଦୁଇଟିଯାକ ରେଳ ପ୍ରକଳ୍ପ ଭୁଟାନର ଗୁରୁତ୍ୱପୂର୍ଣ୍ଣ ସହର ଗେଲେଫୁ ଏବଂ ସମସ୍ତେକୁ ସଂଯୋଗ କରିବ । ଆସାମର କୋକ୍ରାଝର ଏବଂ ପଶ୍ଚିମବଙ୍ଗର ବନରହାଟ ଠାରୁ ଭୁଟାନ୍‌କୁ ରେଳ ଯୋଗାଯୋଗ ପ୍ରକଳ୍ପ ଗୁଡ଼ିକ ପାଇଁ ଭାରତ ସମସ୍ତ ଖର୍ଚ୍ଚ ବହନ କରିବ ବୋଲି ରେଳ ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି ।

ଗଣମାଧ୍ୟମକୁ ସୂଚନା ଦେଇ ବୈଦେଶିକ ସଚିବ ବିକ୍ରମ ମିଶ୍ରି କହିଛନ୍ତି, ଭାରତ-ଭୁଟାନ ମଧ୍ୟରେ ଏହା ପ୍ରଥମ ପର୍ଯ୍ୟାୟ ରେଳ ସଂଯୋଗ ହେବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଭୁଟାନ ଗସ୍ତ ଅବସରରେ ରେଳ ଯୋଗାଯୋଗ ନେଇ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା । ଭୁଟାନର ବିକାଶ ମୂଳକ କ୍ଷେତ୍ରରେ ଭାରତ ସମସ୍ତ ପ୍ରକାର ସହାୟତା ଯୋଗାଇ ଆସୁଛି ବୋଲି ଶ୍ରୀ ମିଶ୍ରି କହିଛନ୍ତି ।

## ବିଜେପି-ନଡ୍ଡା ଡେଲିଗେସନ୍

ବିଜେପି ଅଧ୍ୟକ୍ଷ ଜଗତ ପ୍ରକାଶ ନଡ୍ଡା ତାମିଲନାଡୁର କରୁର୍ ଠାରେ ଘଟିଥିବା ଦଳାଚକଟା ଘଟଣା ସ୍ଥଳକୁ ପରିଦର୍ଶନ କରିବାକୁ ଯିବା ପାଇଁ ଏନ୍.ଡି.ଏ.ର ଏକ ପ୍ରତିନିଧି ଦଳ ବାଛିଛନ୍ତି । ଏହି ପ୍ରତିନିଧି ଦଳ ଦୁର୍ଘଟଣା ସ୍ଥଳ ପରିଦର୍ଶନ କରିବା ସହିତ ପ୍ରଭାବିତ ପରିବାରବର୍ଗଙ୍କୁ ଭେଟିବା ପରେ ଦଳ ନିକଟରେ ରିପୋର୍ଟ ଉପସ୍ଥାପନ କରିବେ । ଦଳୀୟ ସାଂସଦ ହେମାମାଳ ଏହି ପ୍ରତିନିଧି ଦଳର ସଂଯୋଜକ ହୋଇଛନ୍ତି । ପ୍ରତିନିଧି ଦଳରେ ସାଂସଦ ଅନୁରାଗ ଠାକୁର, ତେଜସ୍ୱୀ ସୂର୍ଯ୍ୟ, ଅପରାଜିତା ଷଡ଼ଙ୍ଗୀ, ରେଖା ଶର୍ମା, ବ୍ରିଜ୍ ଲାଲ, ଶିବସେନା ସାଂସଦ ଶ୍ରୀକାନ୍ତ ସିନ୍ଦେ ଓ ଟି.ଡି.ପି. ସାଂସଦ ପୁଟ୍ଟା ମହେଶ କୁମାର ଅଛନ୍ତି ।

କରୁର୍ ଦଳାଚକଟା ଘଟଣାର ମୃତକଙ୍କ ପାଇଁ ଶ୍ରୀ ନଡ୍ଡା ଶୋକବ୍ୟକ୍ତ କରିବା ସହିତ ଆହତମାନଙ୍କ ଆଶୁ ଆରୋଗ୍ୟକାମନା କରିଛନ୍ତି ।

## କେପି ଓଲି - ଟ୍ରାଭେଲ୍ ବ୍ୟାନ୍

ନେପାଳର ପୂର୍ବତନ ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲିଙ୍କ ଯାତ୍ରା ଉପରେ ପ୍ରତିବନ୍ଧକ ଲାଗୁ କରାଯାଇଛି । ଗୃହ ମନ୍ତ୍ରୀ ଓମ୍ ପ୍ରକାଶ ଆର୍ଯ୍ୟାଲ୍ ଏ ସମ୍ପର୍କରେ ଆଜି ସୂଚନା ଦେଇ କହିଛନ୍ତି, ସାମ୍ପ୍ରତିକ ସରକାର ବିରୋଧୀ ବିକ୍ଷୋଭ ଘଟଣାରେ ୭୩ ଜଣଙ୍କର ମୃତ୍ୟୁ ପରିପ୍ରେକ୍ଷୀରେ ଜାରି ରହିଥିବା

ତଦନ୍ତ ଯୋଗୁଁ ଏଭଳି ନିର୍ଦ୍ଦେଶ ଦିଆଯାଇଛି । ଶ୍ରୀ ଓଲିଙ୍କ ସହ ପୂର୍ବତନ ଗୃହ ମନ୍ତ୍ରୀ ରମେଶ ଲେଖକ, ଜାତୀୟ ତଦନ୍ତ ବିଭାଗ ଅଧିନସ୍ଥ ସୁରକ୍ଷା ସଂସ୍ଥାର ପୂର୍ବତନ ମୁଖ୍ୟ ହୁତରାଜ ଥାପ୍ପା ଏବଂ ଅନ୍ୟ ଦୁଇ ଜଣ ବରିଷ୍ଠ କୂଟନୀତିଜ୍ଞଙ୍କ ଉପରେ ଏହି ପ୍ରତିବନ୍ଧକ ଲାଗୁ କରାଯାଇଛି ବୋଲି ଶ୍ରୀ ଆର୍ଯ୍ୟାଲ୍ କହିଛନ୍ତି । ନେପାଳର ମଧ୍ୟବର୍ତ୍ତୀକାଳୀନ ପ୍ରଧାନମନ୍ତ୍ରୀ ଶୁଶିଳା କାର୍କୀ ପ୍ରତିବନ୍ଧକ ଲାଗୁ ସଂକ୍ରାନ୍ତ ଅନୁମୋଦନକୁ ସ୍ୱୀକୃତି ପ୍ରଦାନ କରିବା ସହ ବିକ୍ଷୋଭ ସମୟରେ ଘଟିଥିବା ହିଂସାତ୍ମକ ପରିସ୍ଥିତିର ତଦନ୍ତ ପାଇଁ ଏକ କମିଶନ୍ ଗଠନ କରିଛନ୍ତି ।

ପ୍ରତିବନ୍ଧକ ଲାଗୁ କରାଯାଇଥିବାରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଶ୍ରୀ ଓଲି ଏବଂ ଅନ୍ୟମାନଙ୍କୁ ଯେକୌଣସି ସମୟରେ ତଦନ୍ତର ସମ୍ମୁଖୀନ ହେବାକୁ ପଡ଼ିବ ବୋଲି ତଦନ୍ତ କମିଶନ୍‌ର ସଦସ୍ୟ ବିଜ୍ଞାନରାଜ ଶର୍ମା କହିଛନ୍ତି । ହିଂସାକାଣ୍ଡରେ ଅଟୋ ମୋବାଇଲ୍, ହୋଟେଲ୍ ଏବଂ ଖୁଚୁରା ଶିଳ୍ପ ସମେତ ଘରୋଇ କ୍ଷେତ୍ରରେ ୬୦୦ ନିୟୁତ ଡଲାର୍ କ୍ଷତି ହୋଇଥିବା ନେପାଳୀ ଚାମ୍ବର୍ସ୍ ଅଫ୍ କମର୍ସ୍ ଆଣ୍ଡ ଇଣ୍ଡଷ୍ଟ୍ରି ସଂଘ ପକ୍ଷରୁ ଆକଳନ କରାଯାଇଛି ।

## ଗୋୟଲ-ଏଫ୍‌ଟିଏ

ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି, ୟୁରୋପୀୟ ମୁକ୍ତ ବାଣିଜ୍ୟ ସଂଘ ସଦସ୍ୟ ରାଷ୍ଟ୍ରଗୁଡ଼ିକ ସହ ମୁକ୍ତ ବାଣିଜ୍ୟ ଚୁକ୍ତିକୁ ଆସନ୍ତା ପହିଲାରୁ କାର୍ଯ୍ୟକାରୀ ହେବ । ସେହି ରାଷ୍ଟ୍ରଗୁଡ଼ିକ ହେଉଛି –

ଆଇସ୍‌ଲାଣ୍ଡ, ଲିଚେନ୍‌ଷ୍ଟାଇନ୍, ନରୱେ ଏବଂ ସ୍ୱୀଜରଲାଣ୍ଡ । ଗ୍ରେଟର ନଏଡା ଠାରେ ଉତ୍ତରପ୍ରଦେଶ ଆନ୍ତର୍ଜାତିକ ବାଣିଜ୍ୟ ପ୍ରଦର୍ଶନୀର ଶେଷ ଅଧିବେଶନରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ଗୋୟଲ ଏହା କହିଛନ୍ତି । ସେ କହିଛନ୍ତି, ବିକଶିତ ରାଷ୍ଟ୍ରଗୁଡ଼ିକ ସହିତ ଭାରତ ମୁକ୍ତ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷର କରିବାକୁ ଆଗ୍ରହୀ ।

ଇତିମଧ୍ୟରେ ସଂଯୁକ୍ତ ଆରବ ଏମିରେଟସ୍, ଅଷ୍ଟ୍ରେଲିଆ ଏବଂ ବ୍ରିଟେନ୍ ସହ ଏହି ଚୁକ୍ତି ସମ୍ପନ୍ନ ହୋଇସାରିଛି । ୟୁରୋପୀୟ ସଂଘ, ଆମେରିକା, ନ୍ୟୁଜିଲାଣ୍ଡ, ଓମାନ, ପେରୁ ଏବଂ ଚିଲି ସହିତ ମୁକ୍ତ ବାଣିଜ୍ୟ ଚୁକ୍ତି ନେଇ ଆଲୋଚନା ଜାରି ରହିଛି ବୋଲି ଶ୍ରୀ ଗୋୟଲ କହିଛନ୍ତି । କାତାର ଏବଂ ବାହାରିନ୍ ଭାରତ ସହ ଏଭଳି ଚୁକ୍ତି ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି । ଭାରତର ବୈଦେଶିକ ମୁଦ୍ରା ଭଣ୍ଡାର ୭୦୦ ବିଲିୟନ୍ ଆମେରିକୀୟ ଡଲାର୍‌ରେ ପହଞ୍ଚିଛି ।

ମନ୍ତ୍ରୀ ଶ୍ରୀ ଗୋୟଲ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ୨୦୧୪ ମସିହାର ଦୁର୍ବଳ ଅର୍ଥନୀତିରୁ ଉନ୍ନିତ ହୋଇ ଆଜି ବିଶ୍ୱର ଚତୁର୍ଥ ବୃହତ ଅର୍ଥନୀତିରେ ପରିଣତ ହୋଇଛି । ଆଗାମୀ ଦୁଇ ବର୍ଷ ମଧ୍ୟରେ ୫ ଟ୍ରିଲିୟନ୍ ଆମେରିକୀୟ ଡଲାର୍ ସହିତ ଭାରତ ତୃତୀୟ ବୃହତ ଅର୍ଥନୀତିରେ ପରିଣତ ହେବ ବୋଲି ଶ୍ରୀ ଗୋୟଲ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

ପରବର୍ତ୍ତୀ ପିଢ଼ି ଜି.ଏସ୍.ଟି. ସଂସ୍କାର ଉପରେ ଆଲୋକପାତ କରି ଶ୍ରୀ ଗୋୟଲ କହିଛନ୍ତି, ସ୍ୱାଧୀନତା ପରଠାରୁ ଏହା ସବୁଠାରୁ ବଡ଼ ସଂସ୍କାର ଏବଂ ଏହା ପ୍ରଭାବ ଦଶନ୍ଧି ଧରି ଅନୁଭୂତ ହେବ । ଏମ୍.ଏସ୍.ଏମ୍.ଇ. କ୍ଷେତ୍ର, ମହିଳା ଉଦ୍ୟୋଗୀ, ସ୍ୱଦେଶୀ ଉତ୍ପାଦ ଏବଂ ରପ୍ତାନୀ କ୍ଷେତ୍ରକୁ ଏହି ଆନ୍ତର୍ଜାତିକ ବାଣିଜ୍ୟ ପ୍ରଦର୍ଶନୀ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ପ୍ରଦାନ କରିବ ବୋଲି ମନ୍ତ୍ରୀ ଶ୍ରୀ ଗୋୟଲ ଆଶାବ୍ୟକ୍ତ କରିଛନ୍ତି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ପ୍ରତ୍ୟେକ ପରିବାର ପାଇଁ ସଞ୍ଚୟର ଋତୁ- ଜିଏସଟି ସଞ୍ଚୟ ଉତ୍ସବ** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ସି.ବି.ଆଇ.ସି.ର ଡେପୁଟି କମିଶନର ପ୍ରଶାନ୍ତ ଶର୍ମା ଏବଂ ଅର୍ଥନୈତିକ ବିଶେଷଜ୍ଞ ଡକ୍ଟର ଅମନ୍ ଅଗ୍ରୱାଲ ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23717117 ଓ 011-23314444 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।

# ଜିଏସ୍‌ଟି-ରିଫର୍ମସ୍ ଏଗ୍ରିକଲଚର୍ ସେକ୍ଟର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଘୋଷିତ ଜି.ଏସ୍.ଟି. ସଞ୍ଚୟ ଉତ୍ସବ ଚଳିତ ମାସ ୨୨ ତାରିଖରୁ କାର୍ଯ୍ୟକାରୀ ହୋଇଛି । ସମାଜର ସମସ୍ତ ବର୍ଗ ଏହାର ସୁଫଳ ପାଉଛନ୍ତି । ପରବର୍ତ୍ତୀ ପିଢ଼ି ଜି.ଏସ୍.ଟି. ସଂସ୍କାର ଦେଶର ପରୋକ୍ଷ ଟିକସ ବ୍ୟବସ୍ଥାକୁ ସରଳ କରିଛି । ବିଭିନ୍ନ ସାମଗ୍ରୀ ଓ ସେବା ଉପରେ ଟିକସହାର ହ୍ରାସ ଦେଶବାସୀଙ୍କୁ ପ୍ରୋତ୍ସାହିତ କରିଛି । କୃଷିଜୀବୀଙ୍କୁ ସୁଫଳ ଦେବା ଲକ୍ଷ୍ୟ ନେଇ ସରକାର ପରବର୍ତ୍ତୀ ପିଢ଼ି ଜି.ଏସ୍.ଟି. ସଂସ୍କାର ମାଧ୍ୟମରେ ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ ଉପରେ ଟିକସ ହ୍ରାସ କରିଛନ୍ତି । ୧୮୦୦ ସି.ସି.ଠୁ କମ୍ କ୍ଷମତା ବିଶିଷ୍ଟ ଟ୍ରାକ୍ଟର ଉପରେ ଟିକସ ୧୨ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ ପାଇଛି । ଏହାଦ୍ୱାରା ଟ୍ରାକ୍ଟର କ୍ରୟ ମୂଲ୍ୟ ହ୍ରାସ ପାଇବ ଏବଂ କ୍ଷୁଦ୍ର ଓ ମଧ୍ୟମ ଚାଷୀ ଏହାର ସୁଫଳ ପାଇବେ ।

କୃଷି ଯନ୍ତ୍ରପାତି ଉପରେ ସରକାର ଜି.ଏସ୍.ଟି. ହ୍ରାସ କରିଛନ୍ତି । ଶସ୍ୟ ଅମଳରେ ବ୍ୟବହୃତ ଯନ୍ତ୍ରପାତି ଏବଂ କମ୍ପୋଷ୍ଟିଙ୍ଗ୍ ମେସିନ୍ ଉପରେ ଜି.ଏସ୍.ଟି. ୫ ପ୍ରତିଶତକୁ ହ୍ରାସ ପାଇଛି । ଫସଲ ଉତ୍ପାଦନକୁ ଏହି ପଦକ୍ଷେପ ଅଧିକ ତ୍ୱରାନ୍ୱିତ କରିବ ।

# ଆଇଏସ୍‌ଏସ୍‌ଏଫ୍‌ ସୁଟିଂ

ନୂଆଦିଲ୍ଲୀ ଚାଲିଥିବା କନିଷ୍ଠ ଆନ୍ତର୍ଜାତିକ ବନ୍ଧୁକ କ୍ରୀଡ଼ା ମହାସଂଘ – ଆଇ.ଏସ୍‌.ଏସ୍‌.ଏଫ୍‌. ବିଶ୍ୱକପ୍‌ରେ ଭାରତର ମହିଳା ଦଳ ସଫଳତା ହାସଲ କରିଛନ୍ତି । ୧୦ ମିଟର ମହିଳା ବନ୍ଧୁକ ଚାଳନାରେ ଓଜସ୍ୱୀ ଠାକୁର ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ହୃଦୟ ଶ୍ରୀ କୁଣ୍ଡୁର ରୌପ୍ୟ ପଦକ ହାସଲ କରିଛନ୍ତି । ସେହିଭଳି ଏସ୍‌. ଖିରସାଗର କାଂସ୍ୟ ପଦକ ହାସଲ କରିଛନ୍ତି ।

ଅନ୍ୟ ପକ୍ଷରେ ୧୦ ମିଟର ବନ୍ଧୁକ ଚାଳନାରେ ପୁରୁଷ ବିଭାଗରେ ହିମାଂଶୁ ସ୍ୱର୍ଣ୍ଣ ପଦକ ଏବଂ ଅଭିନବ ସ କାଂସ୍ୟ ପଦକ ଜିନିଛନ୍ତି ।